## ସଂକ୍ଷେପରେ

### ରାଜନୈତିକ ଗୋଷ୍ଠୀ ସଂଘର୍ଷ, ୪ ଗୁରୁତର

ଦିଗପହଣ୍ଡି,୨୪।୩(ଡି.ଏନ.ଏ): ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ଗାଁରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଶୁକ୍ରବାର ୨ ଗୋଷ୍ଠୀ ମଧରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ ତୋଫାନ ଗୌଡ଼ ,କାଲୁ ଗୌଡ଼,ଜ୍ୟୋତ୍ସ୍ନା ଗୌଡ଼ ଏବଂ ପ୍ରତିମା ଗୌଡ଼ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ତୋଫାନ ଏବଂ କାଲୁ ଗୌଡ଼ଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିଗପହଣ୍ଡି ଥାନା ଆଇଆଇସି ଦୀପ୍ତିରଞ୍ଜନ ବେହେରା ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡ଼ିଛି।

### ଘୁଷୁରୀ ଛୁଆକୁ ହତ୍ୟା, ମାଲିକଙ୍କୁ ଆକ୍ରମଣ

ଦିଗପହଣ୍ଡି,୨୪।୩(ଡି.ଏନ.ଏ): ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତ ଅନ୍ତର୍ଗତ ଖଇରପଙ୍କ ଗ୍ରାମରେ ଏକ ଘୁଷୁରୀ ଛୁଆକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପ୍ରତିବାଦ କରିବାରୁ ଘୁଷୁରୀ ମାଲିକଙ୍କ ଉପରେ ଆକ୍ରମଣ କରାଯାଇଥିବା ଜଣାପଡିଛି। ଘଟଣା ନେଇ ଖଇରପଙ୍କ ଗ୍ରାମର ଜି.ପବିତ୍ର କେ. ନୂଆଗାଁ ଥାନାରେ ଲିଖିତ ଏତଲା ଦେଇଛନ୍ତି। ପବିତ୍ରଙ୍କ ଏତଲା ଭିତ୍ତିରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଅଭିଯୋଗ ପ୍ରକାରେ ଗତ ବୁଧବାର ପବିତ୍ର ତାଙ୍କର ଘୁଷୁରୀ ପଲକୁ ଚରାଉଥିବା ବେଳେ କଳିଙ୍ଗଦଳା ଗ୍ରାମର ୨ ଜଣ ଯୁବକ ସନ୍ତୋଷ ଓ ଶଙ୍କର ଘୁଷୁରୀ ଛୁଆକୁ ରାସ୍ତାରେ ପିଟି ହତ୍ୟା କରିଥିଲେ। ଏହାର ପ୍ରତିବାଦ କରିବାରୁ ୨ ଜଣ ଯୁବକ ମିଶି ପବିତ୍ରଙ୍କୁ ମଦ ବୋତଲରେ ଆକ୍ରମଣ କରିଥିବା ଏତଲାରେ ଉଲ୍ଲେଖ କରାଯାଇଛି। ଏନେଇ ପୋଲିସ ତଦନ୍ତ ଚଳାଇଛି।

### ଯୁବ ସଂକଳ୍ପ ଦିବସରେ ୩ ଉଦ୍ୟୋଗୀ ସମ୍ମାନିତ

ରାୟଗଡା ଅଫିସ,୨୪।୩ :ରାୟଗଡାରେ ଯୁବ ସଂକଳ୍ପ ଦିବସ ଅବସରରେ ସ୍ୱାବଲମ୍ବୀ ଭାରତ ଅଭିଯାନ ଓ ଜିଲ୍ଲା ସ୍ୱରୋଜଗାର ସହାୟତା କେନ୍ଦ୍ର ଆନୁକୁଲ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ୪ ମହାବିଦ୍ୟାଳୟ ଯଥା ଜିଷ୍ଟ, ରିତମ ଯାନ୍ତ୍ରିକ ମହାବିଦ୍ୟାଳୟ, ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ୧୫୦ଜଣ ଛାତ୍ରୀଛାତ୍ର, ଜିଲା ଭିନ୍ନକ୍ଷମ ସଂଘର ୩୦ଜଣ ଦିବ୍ୟାଙ୍ଗ, କିନ୍ନର ସଂଘରୁ ୫ ଜଣ ଏବଂ ଉଦ୍ୟୋଗୀ ହେବା ପାଇଁ ଇଚ୍ଛା ରଖୁଥିବା ୪୦ ଜଣ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଏଥିସହ ଭାରତୀୟ ମଜଦୁର ସଂଘ, ସକ୍ଷମ, ସେବାଭାରତୀ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ବିଶ୍ୱ ହିନ୍ଦୁ ପରିଷଦର ୨୫ଜଣ ମଧ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲାର ୩ଜଣ ଉଦ୍ୟୋଗୀ ବିଏସସି ଚାଇୱାଲା, କୋଲନାରା ବ୍ଲକର ମହିଳା ଚାଷୀ ଦୁଃଖୀ ହୁଇକା ଏବଂ ଅନ୍ତର୍ଜାତୀୟ ସଫ୍ଟ ଓ ବେସ୍‌ବଲ ଖେଳାଳି ପ୍ରଶାନ୍ତି ହୁଇକାଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱାବଲମ୍ବୀ ଭାରତ ଅଭିଯାନର ଅଖିଳ ଭାରତୀୟ ଅଧିକାରୀ ଅନ୍ନଦା ପ୍ରସାଦ ପାଣିଗ୍ରାହୀ, ଜିଲ୍ଲା ପରାମର୍ଶଦାତା ଡକ୍ଟର ବାଦଲ ତା, ପ୍ରାନ୍ତୀୟ ପ୍ରଭାରୀ-ଦୀପକ କୁମାର ରାଉତ, ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ବିକାଶ ଚନ୍ଦ୍ର ବାଇନ ଏବଂ ୟୁନିଅନ ବ୍ୟାଙ୍କର ବରିଷ୍ଠ ପରିଚାଳକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ।

### ବକେୟା ବିଲ୍ ମାଗିବାରୁ ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ

ରାୟଗଡ଼ା/ଜେକେପୁର,୨୪।୩(ସ୍ୱ.ପ୍ର./ଡି.ଏନ.ଏ.)- ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ନୂଆପଡ଼ା ଗ୍ରାମରେ ଟାଟା ପାୱାର ସ୍କ୍ୱାଡ ଟିମ୍ ଉପରେ ଆକ୍ରମଣ ହୋଇଛି। ବେଆଇନ ବିଦ୍ୟୁତ ସଂଯୋଗ ଯାଞ୍ଚ ଓ ବକେୟା ବିଲ୍ ଆଦାୟ ପାଇଁ ଯାଇଥିବା କର୍ମଚାରୀକୁ ମାଡ଼ ମାରି ଲହୁ ଲୁହାଣ କରାଯାଇଥିବା ନେଇ ଚାନ୍ଦିଲି ଥାନାରେ ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଟାଟା ପାୱାର କର୍ମଚାରୀମାନେ ନୂଆପଡା ଗ୍ରାମରେ ହୋଇଥିବା ବେଆଇନ ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରି ସେଠାରୁ ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ୩ ଜଣ ବ୍ୟକ୍ତି ଜେକେପୁର ସ୍ଥିତ ଟାଟା ପାୱାର ସେକ୍ସନ ଅଫିସକୁ ଯାଇ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ କର୍ମଚାରୀ ତଥା କିରାଣି ବିଶ୍ୱାବସୁ ରାଜଗୁରୁ, ଲାଇନମ୍ୟାନ ଚିତ୍ରସେନ ଲେଙ୍କା ଓ ସହକାରୀ ଯନ୍ତ୍ରୀ ମହେନ୍ଦ୍ର ପରିଡ଼ା ଆହତ ହୋଇଛନ୍ତି। ଏପରିକି ସେକ୍ସନ ଅଫିସରୁ ୧୦ ହଜାର ଟଙ୍କା ଗାଏବ ହୋଇଥିବା ମଧ ଅଭିଯୋଗରେ ଦର୍ଶାଯାଇଛି। ଆହତ କର୍ମଚାରୀମାନଙ୍କୁ ଜେକେପୁର ସ୍ଥିତ ଇଏସଆଇ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସହକାରୀ ଯନ୍ତ୍ରୀ ମହେନ୍ଦ୍ର ପରିଡ଼ା ଏ ନେଇ ଚାନ୍ଦିଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଏସଡ଼ିପିଓ ଦେବଜ୍ୟୋତି ଦାସ କହିଛନ୍ତି।

# କୃଷି ସମବାୟସ୍ତରୀୟ ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା



କର୍ମଶାଳାରେ ଉପସ୍ଥିତି ଅତିଥି।

ପାରଳାଖେମୁଣ୍ଡି, ୨୪।୩ (ଡି.ଏନ୍.ଏ) :

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଓ ଜଙ୍ଗଲପାଡୁ କୃଷି ସମବାୟସ୍ତରୀୟର ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲପାଡୁ ଗ୍ରାମରେ ଥିବା କୃଷି ସମବାୟ ସମିତିର ସଭାପତି ବି.ଖଗେଶ୍ୱର ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଗୁରାଣ୍ଡି ସମବାୟ ସମିତି କାର୍ଯ୍ୟାଳୟ ଠାରେ ସମବାୟ ସମିତିର ସଭାପତି ଲିଙ୍ଗରାଜ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉଭୟ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡିସ୍ଥ ଏଆରଏସ ହରିହର ସେଠ, ଇନ୍ସପେକ୍ଟର ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ସମବାୟ ବ୍ୟାଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଭିନ୍ନ ଋଣ ଯଥା ସ୍ୱଳ୍ପକାଳୀନ କୃଷିଋଣ, କୁକୁଡା ଚାଷ, ଛେଳି ଚାଷ, ମାଛ ଚାଷ, ଛତୁ ଚାଷ ତଥା କୃଷି ଉପକରଣ ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ । ସେହିପରି କୃଷକ ଓ ସଭ୍ୟସଭ୍ୟାମାନଙ୍କୁ ସରକାରଙ୍କ ଦ୍ୱାରା ବିନା ସୁଧରେ ଯୋଗାଇ ଦିଆଯାଉଥିବା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇ ଏହାର ଉପଯୁକ୍ତ ବିନିଯୋଗ ନିମନ୍ତେ ବୁଝାଇଥିଲେ। ଏହା ସହ ସ୍ୱଳ୍ପ ମିଆଦି ଋଣ, ମଧ୍ୟମକାଳୀନ ଋଣ ଓ ଦୀର୍ଘ ମିଆଦି ଋଣ ଗୁଡିକରେ ସ୍ୱଳ୍ପ ପରିମାଣର ସୁଧହାରରେ ଦିଆଯାଉଥିବା ଏବଂ ଏହାର ଲାଭ ଉଠାଇବାପାଇଁ କୁହାଯାଇଥିଲା । ଏହା ସହ ଋଣ ନେଇ ବିଭିନ୍ନ କୃଷି ତଥା ଚାଷର ବିକାଶରେ ବିନିଯୋଗ କରିବା ପାଇଁ ଅବଗତ କରାଇଥିଲେ । ଗୁରାଣ୍ଡି ଠାରେ ସ୍ଥାନୀୟ ଜନପ୍ରତିନିଧିଙ୍କ ପ୍ରତିନିଧି ଉମାଶଙ୍କର ପାତ୍ରଙ୍କ ସମେତ ସମବାୟ ସମିତିର ନିର୍ଦ୍ଦେଶିକା ଜୟନ୍ତୀ ସାମଲ, ନିର୍ଦ୍ଦେଶକ ସଞ୍ଜୟ ଜେନା, ପି.ମୋହନ ରାଓ ପ୍ରମୁଖ ଉପସ୍ଥିତ ରହି ଥିବା ବେଳେ ଜଙ୍ଗଲପାଡୁ ଠାରେ ସମବାୟ ସମିତିର ଉପସଭାପତି ଟି.ନୀଳବେଣୀ, ନିର୍ଦ୍ଦେଶକ ଏ.ବୈକୁଣ୍ଠରାଓ ପ୍ରମୁଖ କର୍ମଶାଳାରେ ଉପସ୍ଥିତ ସଭ୍ୟସଭ୍ୟାମାନଙ୍କ ଉତ୍ସାହିତ କରିବା ଲାଗି ଉଦ୍‌ବୋଧନ ଦେଇଥିଲେ। ଏହି ପୃଥକ ପୃଥକ କର୍ମଶାଳାରେ ନୂତନଭାବେ ମୋଟ ୧୦ଗୋଟି ନୂତନ ସଭ୍ୟ ଗ୍ରଣ କରାଯାଇ ସେମାନଙ୍କୁ କେସିସି କାର୍ଡ ବଣ୍ଟନ କରାଯାଇଥିଲା । ଉଭୟ ସ୍ଥାନରେ ଅନୁଷ୍ଠିତ ହୋଇଥିବା ସମସ୍ତ କାର୍ଯ୍ୟକ୍ରମକୁ ଉଭୟ ତଥା ଗୁରାଣ୍ଡି ଓ ଜଙ୍ଗଲପାଡୁ ସମବାୟ ସମିତର ସମ୍ପାଦକ ବାବୁଲି ସାମଲ ପରିଚାଳନା କରିଥିଲେ ।

## ଦୁର୍ଘଟଣାରେ ଚାଲିଗଲେ ସ୍ୱାମୀ
# ଅସହାୟ ଜୀବନ କାଟୁଛନ୍ତି ସୈନ୍ଦ୍ରୀ



ସୈନ୍ଦ୍ରୀ ପ୍ରଧାନ।

ଖଜୁରିପଡ଼ା,୨୪।୩

ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ହେବା ପରେ ଏକା ହୋଇ ଅସହାୟ ଜୀବନ କାଟୁଛନ୍ତି ଖଜୁରିପଡ଼ା ବ୍ଲକ ନୂଆଗାଁ ପଞ୍ଚାୟତ ରଣପାଟୁଲି ଗ୍ରାମରସୈନ୍ଦ୍ରୀ ପ୍ରଧାନ (୫୯)। ଘରଖଣ୍ଡେ ନାହିଁ ପଲିଥିନ ଟଣା ଘରେ ରହୁଛନ୍ତି। ତାଙ୍କର ନିଜର କହିଲେ କେହି ନାହାନ୍ତି। ଛୋଟ ୨ ପୁଅ ଅନେକ ଦିନରୁ ମରି ଯାଇଛନ୍ତି। ସ୍ୱାମୀ ପଙ୍କଜ ପ୍ରଧାନ(୬୨) ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ ଘରକୁ ଫେରୁଥିବା ବେଳେ ମାର୍ଚ୍ଚ ୩ରେ ଗାଡ଼ି ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସ୍ୱାମୀ ମରିବାର ପ୍ରାୟ କୋଡିଏ ଦିନ ବିତି ଯାଇଥିଲେ ସୁଦ୍ଧା ପଞ୍ଚାୟତ ତରଫରୁ କୌଣସି ସହାୟତା ଯୋଗାଇ ଦିଆଯାଇ ନାହିଁ। ଏମିତି କି ଅନ୍ତେଷ୍ଟି କ୍ରିୟା କରିବା ପାଇଁ ସରକାର ଯୋଗାଇ ଦେଉଥିବା ହରିଶ୍ଚନ୍ଦ୍ର ଯୋଜନା ସହାୟତା ମଧ ମିଳି ନାହିଁ ବୋଲି ସୈନ୍ଦ୍ରୀ ପ୍ରକାଶ କରିଛନ୍ତି। ସରକାରୀ ସହାୟତା କହିଲେ କେବଳ ଚାଉଳ ମିଳୁଛି। ତାହା ଛଡା କିଛି ବି ସରକାରୀ ସହାୟତା ମିଳୁ ନାହିଁ। ଅନ୍ୟପକ୍ଷରେ ଏହି ଆଦିବାସୀ ମହିଳାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ନେଇ ନୂଆଗାଁ ସରପଞ୍ଚ ସ୍ୱର୍ଣ୍ଣଲତା କହଁରଙ୍କୁ ପଚାରିବାରୁ ସେ କହିଛନ୍ତି, ମୋର ବ୍ୟକ୍ତିଗତ ସମସ୍ୟା ଥିବାରୁ ମୁଁ ତାଙ୍କ ପାଖକୁ ଯାଇ ପାରିନାହିଁ। ତାଙ୍କ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ମୋ ପାଖରେ ଅଛି। ସୈନ୍ଦ୍ରୀଙ୍କୁ ଟଙ୍କା ଦେବା ସହିତ ଅନ୍ୟାନ୍ୟ ସହଯୋଗ କରିବି ବୋଲି କହିଛନ୍ତି।

# ପାଣ୍ଡିରିପଡ଼ାରେ ବ୍ୟାଙ୍କିଙ୍ଗ ସେବା ଋଣ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥି ।

ପୋଲସର.୨୪।୩(ଡି.ଏନ.ଏ.)

ପୋଲସରା ବ୍ଲକ ପାଣ୍ଡିରିପଡ଼ା ପଞ୍ଚାୟତରେ ସମିତିସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଋଣ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ରଞ୍ଜନ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ବିକ୍ରମ କୁମାର ନାୟକ, ସରପଞ୍ଚ ରଘୁନାଥ ଭୂୟାଁ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ମହାରଣା, ପାଣ୍ଡିରିପଡ଼ା ସେବା ସମବାୟ ସମିତି ସମ୍ପାଦିକା ରିନା ସାହୁ, ପୀତବାସ ପ୍ରଧାନ, ଶାଖା ପରିଚାଳକ ପୀତାମ୍ବର ସେନାପତି, ଅତିରିକ୍ତ ଶାଖା ପରିଚାଳକ ମାନସ ରଞ୍ଜନ ପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭାଗଚାଷୀ ଓ ଭୂମିହୀନ ଚାଷୀ ମାନଙ୍କୁ ଋଣ ପ୍ରଦାନ କରିବା ପାଇଁ ଏହି ମେଳା ଆୟୋଜନ କରିବ ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ମାଳ ତେନ୍ତୁଳିଆ ସେବା ସମବାୟ ସମିତିର ସମ୍ପାଦିକା ବନିତା ପ୍ରଧାନ, ବାଲିଛାଇ ସେବା ସମବାୟ ସମିତି ସମ୍ପାଦିକା ଝୁନୁ ସ୍ୱାଇଁଙ୍କ ସମେତ ସମସ୍ତ ସେବା ସମବାୟ ସମିତି ସମ୍ପାଦକମାନେ ଉପସ୍ଥିତ ଥିଲେ। ରୁମାଗଡ ସେବା ସମବାୟ ସମିତିର ସମ୍ପାଦକ ରଞ୍ଜନ କୁମାର ବିଷୋୟୀ ଉକ୍ତ ସଭାକୁ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ

ପାରଳାଖେମୁଣ୍ଡି, ୨୪।୩ (ଡି.ଏନ୍.ଏ):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି । ଯକ୍ଷ୍ମା ରୋଗ ବିଭାଗ ଅଧିକାରୀ ଡାକ୍ତର ରବିନାରାୟଣ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରୋଗର ଲକ୍ଷଣ ଓ ନିରାକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ରୋଗ ଚିହ୍ନଟ ହେବାପରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ନିୟମିତ ଔଷଧ





ଯକ୍ଷ୍ମା ଦିବସ ପାଳନ ବୈଠକରେ ଉପସ୍ଥିତ ଅଧିକାରୀ ।

ଖାଇଲେ ରୋଗରୁ ଉପଶମ ମିଳିପାରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ଡାକ୍ତର ଏମ.ଏମ ଏଲ୍ଲୀ, ଡାକ୍ତର ସନ୍ଧ୍ୟାରାଣୀ, ଡିପିଏମ ସୌମ୍ୟାରାଣୀ ଗୌଡ ପ୍ରମୁଖ ଯୋଗଦେଇ ଯକ୍ଷ୍ମାରୋଗ କିପରି ବ୍ୟାପିଥାଏ ଏବଂ ଏଥିପାଇଁ କିପରି ସତର୍କ ହେବା ଆବଶ୍ୟକ ସେ ବିଷୟରେ ବୁଝାଇଥିଲେ।

## ଫେରାର ଅଭିଯୁକ୍ତ ଗିରଫ

ଜୟପୁର ୨୪।୩ (ନି ପ୍ର)

ଫେରାର ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସଦର ଥାନା ଅନ୍ତର୍ଗତ କେରାପୁଟ ଶିବ ହାଲବା (୩୮) ପୋଲିସ ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ କେରାପୁଟର ଶିବ ହାଲବା ନାମରେ ସଦର ଥାନାରେ ଅପରାଧିକ ମାମଲା ରହିଥିଲା। ସେହି ଦିନ ଠାରୁ ଅଭିଯୁକ୍ତ ଫେରାର ଥିବା ବେଳେ ଆଜି କେରାପୁଟ ରେ ଚଡାଉ କରି ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ଇନ୍‌ଡୋର ଷ୍ଟାଡିୟମ ନାମ ଫଳକ ଓଡ଼ିଆରେ ଲେଖିବାକୁ ଦାବି

ବୁଗୁଡ଼ା,୨୪।୩(ଡି.ଏନ.ଏ.)

ବୁଗୁଡା ଇନ୍‌ଡୋର ଷ୍ଟାଡିୟମର ନାମ ଫଳକରେ ଇଂଲିଶ ଭାଷାକୁ ପ୍ରାଧାନ୍ୟ ଦେଇ ଉପର ଧାଡିରେ ବଡ ବଡ ଅକ୍ଷରରେ ଲେଖାଯାଇଥିବା ବେଳେ ଓଡିଆ ଭାଷାକୁ ଗୁରୁତ୍ୱ ନ ଦେଇ ତଳ ଧାଡିରେ ଛୋଟ ଛୋଟ ଅକ୍ଷରରେ ଲେଖା ଯାଇଥିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଓଡିଆ ଭାଷାକୁ ମାର୍ଚ୍ଚ ୨୦୧୪ରେ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ମେ ୨୦୧୬ରେ ଏହାକୁ ସରକାରୀ ଭାଷା ରୂପେ ଓଡିଶା ସରକାର ଗ୍ରହଣ କଲେ। ୨୦୧୮ରେ ଏହି ଭାଷାର ବହୁଳ ବ୍ୟବହାର ପାଇଁ ପୁରସ୍କାର ବ୍ୟବସ୍ଥା ସହ ଏହି ଭାଷା ବ୍ୟବହାର ପ୍ରତି ଅଙ୍ଗୀକାର ବଦ୍ଧତାର ଅଭାବ ହେଲେ ଦଣ୍ଡ ବ୍ୟବସ୍ଥା କରାଗଲା। ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ବିଲ୍ ୨୦୧୮ ବିଧାନସଭାରେ ଗୃହୀତ ହେବା ପରେ ଓଡ଼ିଶା ଭିତରେ ଥିବା ସବୁ ବ୍ୟବସାୟ ପ୍ରତିଷ୍ଠାନର ନାମ ଫଳକ ବାଧ୍ୟତାମୂଳକ ଭାବେ ଓଡିଆରେ ଲେଖାଯିବା ଉପରେ ସରକାର ଗୁରୁତ୍ୱାରୋପ କରିଥିଲେ। କେବଳ ସେତିକି ନୁହେଁ, କୁହାଗଲା ଯେ ସରକାରୀ କର୍ମଚାରୀମାନେ ଓଡ଼ିଆ ଭାଷାରେ ଦାପ୍ତରିକ କାର୍ଯ୍ୟ କଲେ ଏଣିକି ସେମାନଙ୍କୁ ପୁରସ୍କାର ମିଳିବ, କିନ୍ତୁ ସେସବୁ କାଗଜକଲମରେ ହିଁ ସୀମିତ ହୋଇ ରହିଗଲା। ପ୍ରାୟ ସମସ୍ତ ସରକାରୀ ଦପ୍ତରରେ ଏବେ ବି ପୂର୍ବ ଭଳି ଇଂଲିଶରେ ଚିଠିପତ୍ର କରାଯାଉଛି। କାଁ ଭାଁ କ୍ଷେତ୍ରରେ ଓଡିଆ ଭାଷାର ବ୍ୟବହାର ଦେଖିବାକୁ ମିଳୁଛି।

# ଯନ୍ତ୍ରୀଙ୍କ ପ୍ରକୋଷ୍ଠରେ ତାଲା, ଲୋକେ ହଟହଟା

ରାୟଗଡ଼(ଗଜପତି),୨୪।୩(ଡି.ଏନ.ଏ.)

ଗଜପତି ଜିଲା ରାୟଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେଠାରେ ଶୁକ୍ରବାର ୧୨ ଘଣ୍ଟା ପର୍ଯ୍ୟନ୍ତ ଯନ୍ତ୍ରୀଙ୍କ ପ୍ରକୋଷ୍ଠରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ବ୍ଲକ ଅଧିନରେ ଥିବା ୨୧ ପଞ୍ଚାୟତର ଲୋକେ ବିଭିନ୍ନ କାମ ନେଇ ଆସିଥିବା ବେଳେ ଯନ୍ତ୍ରୀଙ୍କୁ ଅପେକ୍ଷା କରି ନିରାଶ ହୋଇ ଫେରିଥିବା ଜଣାପଡିଛି। ଏଥିପ୍ରତି ଜିଲା ପ୍ରଶାସନ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି। ଏନେଇ ଯନ୍ତ୍ରୀମାନଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ସମ୍ଭବ ହୋଇନାହିଁ।

# କଂଗ୍ରେସ ପକ୍ଷରୁ ହାତ ସେ ହାତ ଯୋଡ଼ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ କର୍ମୀ ।

ଖଜୁରିପଡ଼ା,୨୪।୩

ଖଜୁରିପଡ଼ା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଅରାପାଜୁର ରାକାଡି ପଦରଠାରେ ଶୁକ୍ରବାର ହାତ୍ ସେ ହାତ୍ ଯୋଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଜୁରିପଡା ବ୍ଲକ କଂଗ୍ରେସ ସଭାପତି ସ୍ୱାଧୀନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସଭ୍ୟ ସନ୍ତୋଷ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗୌର ଚରଣ ବେହେରା, କୁମୁଦ ଚନ୍ଦ୍ର ମଲ୍ଲିକ, କମଳ ବେହେରା, ସୁଶାନ୍ତ ବେହେରା, ଲୋକ ନାଥ ପ୍ରଧାନ, ପ୍ରଶାନ୍ତ ମଲ୍ଲିକ, ବରୁଣ ମଲ୍ଲିକ, ସାନ୍ତୁନ ବିନ୍ଧାଣୀ ଓ ଦେବକୀ ଗଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦିଆଗଡ଼ାରେ ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା

କବିସୂର୍ଯ୍ୟନଗର,୨୪।୩(ଡି.ଏନ.ଏ.)

କବିସୂର୍ଯ୍ୟନଗର ନନ୍ଦିଆଗଡା ସେବା ସମବାୟ ସମିତି କାର୍ଯ୍ୟାଳୟରେ ଛତ୍ରପୁର ଏଆରସିଏସ ଯୋଗମାୟା ସାବତଙ୍କ ଅଧକ୍ଷତାରେ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ ମେଳା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବ୍ଲକ ଚେୟାରମ୍ୟାନ ଜ୍ୟୋତିର୍ମୟୀ ସ୍ୱାଇଁ, ମୁଖ୍ୟବକ୍ତା ଜିଲା ଯୁବ ବିଜେଡି ଜୋନ୍ ସଭାପତି ନଚିକେତା ସ୍ୱାଇଁ, ସମ୍ମାନିତ ଅତିଥି ସରପଞ୍ଚ ରାଜଲକ୍ଷ୍ମୀ ଦାସ, ଆମ୍ବପୁଆ ସମିତିସଭ୍ୟ ଅଶ୍ୱିନୀ ସ୍ୱାଇଁ, ଏସଆରସିଏସ୍ ସୁକାନ୍ତ କୁମାର ପାଢ଼ୀ, କ୍ଷେତ୍ର ଅଧିକାରୀ ସୁଧାଂଶୁ ଶେଖର ମହାରଣା, ଶାଖା ପରିଚାଳିକା ମମତା ପରିଡା ମଞ୍ଚାସୀନ ଅତିଥି ଥିଲେ। ରାଜ୍ୟ ସରକାର ବଳରାମ ସ୍କିମ୍‌ରେ ୨ଟି ଗ୍ରୁପ୍‌କୁ ୨ଲକ୍ଷ, ୧୦ଜଣ ଚାଷୀଙ୍କୁ ୮ଲକ୍ଷ ଚାଷୀ ଋଣ ବିନା ସୁଧରେ ପ୍ରଦାନ କରାଗଲା । ସରକାରଙ୍କ ଚାଷୀ, ମହିଳାଙ୍କୁ କିପରି ବିନା ସୁଧରେ ନେଇ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ମୁଖ୍ୟବକ୍ତା କହିଥିଲେ। ନନ୍ଦିଆଗଡା ସମବାୟ ସମ୍ପାଦକ ଅଶୋକ କୁମାର ସ୍ୱାଇଁ କର୍ମଶାଳାକୁ ସଂଯୋଜନା କରିଥିଲେ।

TPSODL
ଟିପି ସର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
କମାପଲ୍ଲୀ, କୋର୍ଟପେଟା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା-୭୬୦୦୪

ଓପନ୍ ଏସେସ୍ ଚାର୍ଜସ ବିଜ୍ଞପ୍ତି

ଅବାଧ ବ୍ୟବହାରକାରୀ ଉପଭୋକ୍ତାଙ୍କ ଲାଗି ଅଧିଶୁଳ୍କ, ହ୍ୱିଲିଂ ଦେୟ ଓ ଟ୍ରାନ୍ସମିଶନ୍ ଦେୟ ୧ ମେଗାୱାଟ୍ ଓ ତଦୁର୍ଦ୍ଧ ଏପ୍ରେଲ୍ ୧, ୨୦୨୩ ରୁ କାର୍ଯ୍ୟକାରୀ

ବିଦ୍ୟୁତ୍ ଆଇନ୍, ୨୦୦୩ ର ଧାରା ୩୯,୪୦, ୪୨ ଅଧିନସ୍ଥ ତଥା ଓଇଆରସିର (ଖୋଲା ପ୍ରବେଶ ଦେୟ ନିର୍ଦ୍ଧାରଣ) ବ୍ୟବସ୍ଥା ଅନୁସାରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ୨୦୨୦ ଏବଂ ୨୦୨୨ ର **କେସ୍ ନଂ.୮୫, ୮୬, ୮୭ ଏବଂ ୮୯** ରେ ୨୩.୦୩.୨୦୨୩ ରେ ଖୋଲାଦୟ ଆକଳନ (ଅଧିଶୁଳ୍କ, ହ୍ୱିଲିଂ ଦେୟ ଓ ଟ୍ରାନ୍ସମିଶନ୍ ଦେୟ) ଲାଗି ସାଧାରଣ ନିର୍ଦ୍ଦେଶନାମା ଜାରି କରାଯାଇଛି ଏବଂ ଆନ୍ତଃ-ରାଜ୍ୟ ଟ୍ରାନ୍ସମିସନ/ ବଣ୍ଟନ ବ୍ୟବସ୍ଥା ଲାଗି ଅତିରିକ୍ତ ସରଚାର୍ଜ ଦେବାକୁ ପଡ଼ିବ ଯାହାକି **ଏପ୍ରେଲ୍ ୦୧, ୨୦୨୩** ରୁ କାର୍ଯ୍ୟକାରୀ କରାଯିବ ।
୨. ନିମ୍ନରେ ଦିଆଯାଇଥିବା ଟେବୁଲ୍‌ରେ ଦର୍ଶାଯାଇଥିବା ହୁଇଲିଂ ଦେୟ ଓ ସରଚାର୍ଜ **୦୧.୦୪.୨୦୨୩** ଠାରୁ ଲାଗୁ ହେବ ।

ଅବାଧ ବ୍ୟବହାରକାରୀ ଉପଭୋକ୍ତା ୧ ମେଗାୱାଟ୍ ତଦୁର୍ଦ୍ଧ ପାଇଁ ସରଚାର୍ଜ, ହୁଇଲିଂ ଦେୟ ଓ ଟ୍ରାନ୍ସମିସନ ଦେୟ

| ଲାଇସେନ୍ସିଙ୍କ ନାମ | କ୍ରସ ସବ୍‌ସିଡି ସରଚାର୍ଜ (ପି/ୟୁ) | | କେବଳ ଏଚ୍‌ଟି ଉପଭୋକ୍ତାଙ୍କ ଲାଗିଂ ହୁଇଲିଂ ଦେୟ ପି.ୟୁ. ପ୍ରଯୁଜ୍ୟ ହେବ | ଅବାଧ ବ୍ୟବହାରକାରୀ ଗ୍ରାହକ (ଏଚଟି ଓ ଇଏଚଟି ଗ୍ରାହକ ଙ୍କ ପାଇଁ ଲାଗୁ) ଙ୍କ ପାଇଁ ସରବରାହ ଦେୟ |
|---|---|---|---|---|
| | ଇ.ଏଚ.ଟି | ଏଚ.ଟି | | |
| ଟିପିସିଓଡିଏଲ | ୧୭୦.୦୩ | ୮୫.୧୨ | ୯୯.୬୭ | ଅବାଧ ବ୍ୟବହାର କରୁଥିବା ଦିର୍ଘକାଳିନ ଅବାଧ ବ୍ୟବହାରକାରୀ ଗ୍ରାହକ ଟ.୫୭୬୦/-/ଏମଡବ୍ଲୁ/ ଦୈନିକ (ଟ.୨୪୦/-ମେଗାୱାଟ୍ ଘଣ୍ଟା)/ ମେଗାୱାଟ୍ ଟ୍ରାନ୍ସମିସନ୍ ଚାର୍ଜ ରୂପେ ଓପନ୍ ଏସେସ୍ ଦେୟ ପ୍ରଦାନ କରି ଏହାର ସୁବିଧା ନେବେ । |
| ଟିପିଏନଓଡିଏଲ | ୧୪୯.୦୩ | ୩୩.୩୧ | ୧୪୧.୦୯ | |
| ଟିପିଡବ୍ଲୁଓଡିଲ୍ | ୧୧୦.୫୩ | ୨୩.୩୫ | ୯୫.୫୩ | |
| ଟିପିଏସଓଡିଲ୍ | ୨୩୬.୫୩ | ୧୩୦.୭୮ | ୧୩୭.୭୧ | |

୩. ଇଏଚଟି ରେ ମାନଙ୍କ ସରବରାହ କ୍ଷତି (୩.୦%) ଏବଂ ଏଚଟି ସ୍ତରରେ ମାନକ ହ୍ୱିଲିଂ କ୍ଷତି (୮%) ୨୦୨୩-୨୪ ବର୍ଷ ଲାଗି ଲାଗୁ ହେବ ।
୪. ଅତିରିକ୍ତ ସରଚାର୍ଜ : ସ୍ଥାୟୀ ଲାଇସେନ୍ସଧାରୀ କୁ କ୍ରସ୍ ସବ୍‌ସିଡି ସରଚାର୍ଜ ଠାରୁ ଅଧିକ ଅତିରିକ୍ତ ସରଚାର୍ଜ ଦେବା ଆବଶ୍ୟକ ନାହିଁ ।
୫. ଅକ୍ଷୟ ଶକ୍ତି ବ୍ୟବହାର କରୁଥିବା ଗ୍ରାହକ ଙ୍କୁ କ୍ରସ୍ ସବ୍‌ସିଡି ସରଚାର୍ଜ ଦେବାକୁ ପଡିବନି ।

ଓଡ଼ିଶା ନବୀକରଣୀୟ ଉର୍ଜ୍ଜା ନୀତି ୨୦୨୨ ଅଧିନରେ ଛାଡ଼

୬. କ୍ରସ ସବସିଡି ସରଚାର୍ଜର ପଚାଶ ପ୍ରତିଶତ (୫୦%) ଓପନ ଆକ୍ସେସ ଗ୍ରାହକଙ୍କ ଦ୍ୱାରା ପନ୍ଦର(୧୫) ବର୍ଷ ପାଇଁ ନୀତି ଅବଧିରେ ରାଜ୍ୟରେ ପରିଚଳିତ ହେଉଥିବ ଆରଇ ପ୍ରକଳ୍ପରୁ ଶକ୍ତି ବ୍ୟବହାର ଉପରେ ଦେୟ ପ୍ରଦାନ କରାଯାଇଥାଏ ।
୭. ଗ୍ରୀଡକୋ (ଗ୍ରୀଡକୋ ସହିତ ଏକ ଡିମାଣ୍ଡ ଏଗ୍ରିଗେଟର ଭାବେ କର୍ଯ୍ୟ କରୁଥିବା)ରୁ ନବୀକରଣୀୟ ଶକ୍ତି ଇଣ୍ଡଷ୍ଟ୍ରି ଦ୍ୱାରା କୌଣସି ସବସିଡି ସରଚାର୍ଜ ପ୍ରଦାନ କରାଯାଇ ପାରିବ ନାହିଁ ।
୮. ପନ୍ଦର(୧୫) ବର୍ଷ ପାଇଁ ଆରଇ ନୀତି ଅବଧିରେ ରାଜ୍ୟରେ ପରିଚାଳିତ ହେଉଥିବା ଆରଇ ପ୍ରକଳ୍ପରୁ କ୍ୟାପଟିଭ/ଓପନ ଆକ୍ସେସ ଗ୍ରାହକ ଭ୍ରଂ ପାୱାର ଦ୍ୱାରା ୨୫% ହୁଇଲିଂ ଚାର୍ଜ ପ୍ରଦାନ କରିବେ ।
୯. ଓପିଟିସିଏଲ ପନ୍ଦର(୧୫) ବର୍ଷ ପାଇଁ ରାଜ୍ୟରେ ନିୟୋଜିତ ଆରଇ ପ୍ରକଳ୍ପ ଗୁଡ଼ିକରୁ ଶକ୍ତି ବ୍ରବହାରରେ କ୍ୟାପଟିଭ/ କୋଲା ଆକ୍ସେସ ଗ୍ରାହକଙ୍କୁ ଏସଟିୟୁ (ଟ୍ରାନସମିଶନ) ଚାର୍ଜେସ ୟୁନିଟ ପ୍ରତି କୋଡିଏ(୨୦) ପଇସା ଛାଡ଼ ପ୍ରଦାନ କରିବ ଓ ୩୧.୦୩.୨୦୨୬ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥିବା ପ୍ରକଳ୍ପ ଗୁଡ଼ିକ କ୍ଷେତ୍ରରେ ଏହି ଛାଡକୁ ପାଂଚ(୫) ବର୍ଷ ପାଇଁ ଅନୁମତି ଦିଆଯିବ ।
୧୦.୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବିଜ୍ଞାପିତ ହୋଇଥିବା ଏହି ଦେୟ ଲାଗୁ ହେବ ଏବଂ ପରବର୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବଳବତର ରହିବ । ସର୍ବସାଧାରଣ ଏବଂ ଆଗ୍ରହୀ ବ୍ୟକ୍ତିବିଶେଷ ଙ୍କ ସୂଚନା ପାଇଁ କମିଶନ ଏତଦ୍ୱାରା ଏହି ଦେୟ ପ୍ରକାଶ କରିଛନ୍ତି ଯାହା ଏଚଟି ଏବଂ ଇଏଚଟି ସ୍ତରରେ ସମସ୍ତ ବର୍ଗର ଗ୍ରାହକଙ୍କ ପାଇଁ ଲାଗୁ ହେବ ଉକ୍ତ ନିର୍ଦ୍ଦେଶ କମିଶନ ୱେବ୍‌ସାଇଟ୍ www.orierc.org ଏବଂ ବିତରଣ ଉପଯୋଗିତା/ଲାଇସେନ୍ସଦାତା (ଟିପିଏସଓଡିଏଲ) www.www.tpsouthernodisha.com ରେ ଉପଲବ୍ଧ ହେବ ।

ସ୍ଥାନ : ବ୍ରହ୍ମପୁର
ତା : ୨୪.୦୩.୨୦୨୩
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

## ସଂକ୍ଷେପରେ

### ନାବାଳିକା ବଳାତ୍କାର ଘଟଣା
## ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ଫୁଲବାଣୀ ଅଫିସ, ୨୪।୩:** ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୨ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦାୟ୍ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେହିପରି ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଗୁମୁଡିବନ୍ଧ ଥାନା ଅଞ୍ଚଳର ଶମ୍ଭୁ ମହାରଣା । ସୂଚନା ଅନୁସାରେ, ୨୦୧୯ ନଭେମ୍ବର ୨୮ ସନ୍ଧ୍ୟାରେ ନାବାଳିକା(୧୪) ଜଣକ ଘରେ ପଢୁଥିଲେ । ପଡୋଶୀ ଶମ୍ଭୁ ତାଙ୍କୁ ନିଜ ଘରକୁ ଡାକିଥିଲେ । ସେ ଯିବାରୁ ଘର ପାଖରୁ ଅଳ୍ପ ଦୂରରେ ଥିବା ନିଛାଟିଆ ଅର୍ଦ୍ଧ ନିର୍ମିତ ଘରେ ବଳାତ୍କାର କରିଥିଲେ । ନାବାଳିକାଙ୍କ ମା' ରୋଷେଇ ସାରି ଝିଅକୁ ଖୋଜାଖୋଜି ଆରମ୍ଭ କରିଥିଲେ । ସେହି ଘର ପାଖରେ କିଛି ଶବ୍ଦ ଶୁଣି ଟର୍ଚ୍ଚ ଲାଇଟ ପକାଇଲା ବେଳେ ଝିଅ ଡ୍ରେସ ପିନ୍ଧୁଥିବା ଦେଖିବାକୁ ପାଇଥିଲେ । ଏହି ସମୟରେ ଶମ୍ଭୁ ପଛ କବାଟ ଦେଇ ଫେରାର ହୋଇ ଯାଇଥିଲେ । ନାବାଳିକା ଆସି ଘଟଣା ବିଷୟରେ ମା'ଙ୍କୁ କହିଥିଲେ । ସେହିଦିନ ରାତିରେ ନାବାଳିକାଙ୍କ ମା' ଥାନାରେ ଏତଲା ଦେଇଥିଲେ । ପୋଲିସ ୮୫/୧୯ରେ ମାମଲା ରୁଜୁ କରି ଶମ୍ଭୁଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ମୋଟ ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## କଂଗ୍ରେସର ଗଣଧାରଣା

**ବ୍ରହ୍ମପୁର ଅଫିସ,୨୪।୩:** ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ବ୍ରହ୍ମପୁରସ୍ଥ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା। ପୂର୍ବତନ ଏଆଇସିସି ସଭାପତି ରାହୁଲ ଗାନ୍ଧୀଙ୍କୁ ଏକ ମାନହାନି ମାମଲାରେ ଗୁଜରାଟ ପ୍ରଦେଶର ଏକ ଅଦାଲତ ଦେଇଥିବା ଦଣ୍ଡାଦେଶର ପ୍ରତିବାଦରେ ଏହା କରାଯାଇଥିଲା। ଆନ୍ଦୋଳନସ୍ଥଳରେ ଭାଜପାର ହୀନ ରାଜନୀତିକୁ ନିନ୍ଦା କରି ନାରାବାଜି କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ନଗର କଂଗ୍ରେସ ସଭାନେତ୍ରୀ ସୁବାସନୀ ପଟ୍ଟନାୟକ, ଦିଗପହଣ୍ଡି ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ସମେତ ଦଣ୍ଡପାଣି ପାତ୍ର ଓ ଶଙ୍କର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ମା', ୩ ପୁଅଙ୍କୁ ଜେଲ
### ବୃଦ୍ଧାଙ୍କୁ ହତ୍ୟା ଉଦ୍ୟମ ମାମଲା

**ବ୍ରହ୍ମପୁର ଅଫିସ,୨୪।୩:** ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁକ୍ରବାର ଏକ ହତ୍ୟା ଉଦ୍ୟମ ମାମଲାର ରାୟ ପ୍ରକାଶ କରିଛନ୍ତି। ସେ ୪ ଜଣଙ୍କୁ ପ୍ରତ୍ୟେକ ଏକ ବର୍ଷ ଲେଖାଏ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ କଉଡ଼ିଆ ଗ୍ରାମର ଶୋଭା ପ୍ରଧାନ ଓ ତାଙ୍କ ୩ ପୁଅ ମୁନା ପ୍ରଧାନ, କୁନା ପ୍ରଧାନ ଓ ସଞ୍ଜୟ ପ୍ରଧାନ। ସେହିପରି ପ୍ରତ୍ୟେକ ଅଭିଯୁକ୍ତ ୧ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟେ ଅତିରିକ୍ତ ୧ମାସ ଜେଲ ଦଣ୍ଡରେ ଦଣ୍ଡିତ ଭୋଗିବେ ବୋଲି ଏସିଜେଏମ୍ ଚୂଡାନ୍ତ ରାୟରେ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ପାଟପୁର ଥାନା ଅନ୍ତର୍ଗତ କଉଡ଼ିଆ ଗ୍ରାମର ଶୋଭା ଓ ମେଳା ପ୍ରଧାନଙ୍କ ମଧରେ ଏକ ଜମି ହିତକୁ କେନ୍ଦ୍ରକରି ବିବାଦ ଲାଗି ରହିଥିଲା।

# ଏମ୍‌କେସିଜିରେ ଏମ୍‌ଏଲ୍‌ସିୟୁ, ଏସ୍‌ଏମ୍‌ଆଇଟି ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

### ମାତୃ-ଶିଶୁ ଯତ୍ନ ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ

ବ୍ରହ୍ମପୁର ଅଫିସ,୨୪।୩

ରାଜ୍ୟରେ ମାତୃ-ଶିଶୁ ମୃତ୍ୟୁ ହାର ହ୍ରାସ କରିବା ପାଇଁ ରାଜ୍ୟ ସରକାର ନର୍ସିଂ ଅଫିସରମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ବଡ଼ ଡାକ୍ତରଖାନାରେ ମିଡ୍‌ଓାଇଫେରି ଲିଡ୍ କେୟାର୍ ୟୁନିଟ୍ (ଏମ୍‌ଏଲ୍‌ସିୟୁ) ଏବଂ କଲେଜ ଅଫ୍ ନର୍ସିଂ ପରିସରରେ ଷ୍ଟେଟ୍ ମିଡ୍‌ୱାଇଫେରି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍(ଏସ୍‌ଏମ୍‌ଆଇଟି)ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଫ୍ ନର୍ସିଂ ପରିସରରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଡା. ଶାଳିନୀ ପଣ୍ଡିତ ଭର୍ଚୁଆଲ୍‌ରେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶକ ଡ. ବୃନ୍ଦା ଡି. ମଧ ଯୋଗ ଦେଇଥିଲେ।

ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣର ଉଦ୍ଦେଶ୍ୟ ଏବଂ ଏହାଦ୍ୱାରା ମାତୃ ଓ ଶିଶୁଙ୍କୁ କିପରି ସ୍ୱତନ୍ତ୍ର ସେବା ଯୋଗାଇ ଦିଆଯାଇ ପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ଅତିଥି ଭାବେ ଡିଏମ୍‌ଇଟି ପ୍ରଫେସର ଡା. ସଚ୍ଚିଦାନନ୍ଦ ମହାନ୍ତି, ନର୍ସିଂ ନିର୍ଦ୍ଦେଶକ ଡା. ରାମଚନ୍ଦ୍ର ରାଉତ, ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଅବନୀକାନ୍ତ ମିଶ୍ର, ଏମ୍‌କେସିଜି ମେଡିକାଲର ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର ମଞ୍ଚାସୀନ ଥିଲେ। ସେହିପରି ସ୍ତ୍ରୀ ଓ ପ୍ରସୂତି ବିଭାଗ ପ୍ରଫେସର ମାହିଜା ସାହୁ, ୟୁନିସେଫର ଲିନା ସୋମ୍ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କଲେଜ ଅଫ୍ ନର୍ସିଂ ଅଧ୍ୟକ୍ଷା ରାଜଲକ୍ଷ୍ମୀ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗର୍ଭବତୀ, ମା' ଏବଂ ନବଜାତ ଶିଶୁଙ୍କୁ କିପରି ସ୍ୱତନ୍ତ୍ର ଚିକିତ୍ସାସେବା ଯୋଗାଇ ଦିଆଯିବ ସେ ନେଇ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଡାକ୍ତରଖାନାରେ ସୁରକ୍ଷିତ ପ୍ରସବ ସହ ଶିଶୁ ଓ ମାତୃ ମୃତ୍ୟୁ ହାର କମାଇବା ପାଇଁ ଏହି କାର୍ଯ୍ୟକ୍ରମ ଜରିଆରେ ଦେଢ଼ବର୍ଷର ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ଶୁକ୍ରବାରଠାରୁ ଏହା ଆରମ୍ଭ ହୋଇଛି। ଏଥିରେ ଏମ୍‌କେସିଜି ସହ ବିଭିନ୍ନ ହସ୍ପିଟାଲର ୩୦ ନର୍ସିଂ ଅଫିସରଙ୍କୁ ପ୍ରଶିକ୍ଷଣ ଦିଆଯିବ।

# ପୁକୁଡ଼ିବନ୍ଧ ଛକରୁ ୩ କୁଇଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ

ବ୍ରହ୍ମପୁର ଅଫିସ,୨୪।୩

ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ପୃଥକ ଭାବେ ତିନୋଟି ଗାଡ଼ିରୁ ୩ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଅନ୍ୟପଟେ ଚଢ଼ାଉ ବେଳେ ୪ଜଣଙ୍କୁ ଧରା ଯାଇଛି। ଦୁଇଟି କାରରେ ୧୬୦ କେଜି ଗଞ୍ଜେଇ ଝାଡ଼ଖଣ୍ଡ ଚାଲାଣ ହେଉଥିବା ବେଳେ ଅନ୍ୟ ଏକ ବୋଲେରୋରେ ୧୪୦ କେଜି ଗଞ୍ଜେଇ ଭୁବନେଶ୍ୱର ଯାଉଥିଲା ବୋଲି ଅଭିଯୁକ୍ତଙ୍କୁ ଜେରା ବେଳେ ଜାଣିବାକୁ ମିଳିଛି। ଏନେଇ ଅବକାରୀ ଉପଆୟୁକ୍ତ (ଡେପୁଟି କମିଶନର) ଦକ୍ଷିଣାଞ୍ଚଳ ଡମ୍ବରୁ ଧର ଖଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗଜପତି ଅଞ୍ଚଳରୁ ଗଞ୍ଜେଇ ବ୍ରହ୍ମପୁର ଦେଇ ବାହାର ରାଜ୍ୟକୁ ଚାଲାଣ ହେଉଥିବା ନେଇ ଅବକାରୀ ଗୋଇନ୍ଦା ବିଭାଗକୁ ଶୁକ୍ରବାର ଖବର ମିଳିଥିଲା। ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଜାତୀୟ ରାଜପଥ ପୁକୁଡ଼ିବନ୍ଧ ଛକରେ ଯାନବାହନ ଯାଞ୍ଚ କରାଯାଉଥିଲା।

ପୃଥକ୍ ଭାବେ ପ୍ରଥମେ ବ୍ରହ୍ମପୁର ସହରରୁ ଭୁବନେଶ୍ୱର ଯାଉଥିବା ଦୁଇଟି କାରକୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜଣାପଡିଥିଲା। ଉକ୍ତ କାର ଦୁଇଟିରୁ ୧୬୦ କେଜି ଗଞ୍ଜେଇ ଜବତ ହୋଇଛି। ସେହିପରି ଦୁଇ ଚାଲାଣକାରୀ ଗିରଫ ହୋଇଛନ୍ତି । ସେମାନେ ହେଲେ ଝାଡ଼ଖଣ୍ଡ ଅଞ୍ଚଳର ଫିରୋଜ ଖାନ (୪୫) ଓ ମହମ୍ମଦ ସାକିବ(୨୪)। ଅନ୍ୟ ଏକ ବୋଲେରୋରୁ ୧୪୦ କେଜି ଗଞ୍ଜେଇ ଜବତ ହୋଇଛି। ଦୁଇଜଣ ଚାଲାଣକାରୀ ପୁରୁଷୋତ୍ତମପୁର ସିକୁଳାପୁରର ମହେଶ ପାତ୍ର(୩୩) ଓ ଡେଙ୍ଗାଓସ୍ତାର ଅଜୟ ବେହେରା(୩୪)ଗିରଫ ହୋଇଛନ୍ତି । ଶନିବାର ମାମଲା ନମ୍ବର ୧୦୫୨/୨୨-୨୩ ଓ ୧୦୫୩/୨୨-୨୩ରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଡେପୁଟି କମିଶନର ସୂଚନା ଦେଇଛନ୍ତି। ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇ ଅଶୋକ ସାହୁ, ଅଜିତ ନାୟକ, ଏଏସ୍‌ଆଇ ବ୍ରଜ ବିହାରୀ ନାୟକ ଓ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଏମ୍‌କେସିଜିରେ ପରୀକ୍ଷାର୍ଥୀଙ୍କ ମୃତ୍ୟୁ

### ପୋଲିସ କନଷ୍ଟେବଲ ପ୍ରତିଯୋଗିତା ବେଳେ ଅଘଟଣ

ବ୍ରହ୍ମପୁର ଅଫିସ ୨୪।୩

ଛତ୍ରପୁର ପୋଲିସ ଜିଲାରେ କନଷ୍ଟେବଳ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ବେଳେ ଶୁକ୍ରବାର ଅପରାହ୍ଣରେ ଅଘଟଣ ଘଟିଛି। ୧୬୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇ ଟ୍ରାକ୍‌ରେ ଦୌଡୁଥିବା ଥିବା ଜଣେ ପରୀକ୍ଷାର୍ଥୀ ହଠାତ୍ ପଡିଆରେ ଅଚେତ ହୋଇ ତଳେ ପଡିଯାଇଥିଲେ। ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣଙ୍କ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ଦୀପ୍ତିରଞ୍ଜନ ଦାସ(୨୦)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ୧୫୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ମୃତଦେହ ପଞ୍ଚନାମା କରିଛି।



ପରୀକ୍ଷାର୍ଥୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତର ପରୀକ୍ଷା କରୁଛନ୍ତି।

ଜିଲାପାଳଙ୍କ ଅନୁମତି ମିଳିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ. ସୂଚନା ଦେଇଛନ୍ତି। ଖବର ପାଇ ମୃତ ଦୀପ୍ତିରଞ୍ଜନଙ୍କ ପରିବାର ବର୍ଗ ଡାକ୍ତରଖାନାରେ ପହଞ୍ଚିଥିବା ଜଣାପଡ଼ିଛି।

## ୨ ଲକ୍ଷ ଟଙ୍କା ନେଇ ଗ୍ରାହକଙ୍କୁ ଠକେଇ

### କାର ସୋରୁମ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ

ବ୍ରହ୍ମପୁର ଅଫିସ,୨୪।୩

ଏକ କାର୍ ସୋ'ରୁମ୍ ମ୍ୟାନେଜର ଓ ଅନ୍ୟାନ୍ୟ କର୍ମଚାରୀ ଜଣେ ଗ୍ରାହକ ଆସିକା ମକୁନ୍ଦପୁର ଗ୍ରାମ ବାସିନ୍ଦା ତଥା ଆଇନଜୀବୀ ଜୟ ଚନ୍ଦ୍ର ନାୟକଙ୍କଠାରୁ ୨ଲକ୍ଷ ୨୪ ହଜାର ଟଙ୍କା ନେଇ ତାଙ୍କୁ ଗାଡି ଦେଇନାହାନ୍ତି। ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୩୦/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଛି। ପ୍ରକାଶ ଯେ, ୨୦୨୨ ନଭେମ୍ବର ୭ରେ ଜୟଚନ୍ଦ୍ର ଏକ ସୋ'ରୁମ୍‌କୁ କାର୍ କିଣିବାକୁ ଯାଇଥିଲେ। ୬.୯୩ ଲକ୍ଷ ଟଙ୍କା ମୂଲ୍ୟର ଗୋଟିଏ କାର୍ କିଣିବାକୁ ସ୍ଥିର ହୋଇଥିଲା। ସୋ'ରୁମ୍ କର୍ମଚାରୀମାନେ ୧୦ହଜାର ଟଙ୍କା ଦେଇ ବୁକିଂ କଲେ ଗାଡ଼ି ୪ ସପ୍ତାହ ମଧ୍ୟରେ ମିଳିଯିବ ବୋଲି କହିଥିଲେ। ନଭେମ୍ବର ୯ରେ ସେ ୧୦ହଜାର ଟଙ୍କାର ଚେକ୍ ଦେଇ ଗାଡ଼ି ବୁକିଂ କରିଥିଲେ ଏବଂ ରସିଦ ମଧ ନେଇଥିଲେ। ଚାରି ସପ୍ତାହ ପରେ ଅର୍ଥାତ ୨୦୨୨ ଡିସେମ୍ବର ୯ରେ ସେ ମ୍ୟାନେଜର ଓ ଅନ୍ୟ କର୍ମଚାରୀଙ୍କ ସହ ଯୋଗାଯୋଗ କରିବାରୁ ୮ସପ୍ତାହ ପରେ ଗାଡ଼ି ମିଳିବ ବୋଲି ଜୟଚନ୍ଦ୍ରଙ୍କୁ ଏକ ମେସେଜ୍ ଦେଇଥିଲେ। ଏଭଳି ମେସେଜ୍ ପାଇବା ପରେ ସେ ପୁଣି ଉକ୍ତ ସୋ'ରୁମ୍‌କୁ ଆସି ପଚାରିଥିଲେ। ସେମାନେ ୨୦୨୩ ଜାନୁୟାରୀ ୧୭ରୁ ୧୮ତାରିଖ ମଧ୍ୟରେ କାର୍ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୨ଲକ୍ଷ ୧୪ ହଜାର ଟଙ୍କା ଜମା କରିବାକୁ କହିଥିଲେ। ସେ ୧୪ ହଜାର ଟଙ୍କା ନଗଦ ଦେଇଥିବା ବେଳେ ୨ଲକ୍ଷ ଟଙ୍କାର ଗୋଟିଏ ଚେକ୍ କାର ସୋ ରୁମର ଟିମ୍ ଲିଡରଙ୍କ ନାମରେ ଦେଇଥିଲେ। ଟଙ୍କା ନେବା ପରେ ବି ସୋରୁମ କର୍ତ୍ତୃପକ୍ଷ ତାଙ୍କୁ ଗାଡ଼ି ଦେଇନଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ସୂଚୀସ୍ମିତା



@ ଜଗନ୍ନାଥ



@ ପ୍ରସନ୍ନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୦୨୫ ସୁଦ୍ଧା ଯକ୍ଷ୍ମା ମୁକ୍ତ ଜିଲା ଗଠନ ପାଇଁ ଆହ୍ୱାନ

### ବିଶ୍ୱ ଯକ୍ଷ୍ମା ଦିବସ

ବ୍ରହ୍ମପୁର ଅଫିସ,୨୪।୩

ବ୍ରହ୍ମପୁର ନଗର ଚିକିତ୍ସାଳୟ ପ୍ରଜ୍ଞାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଶ୍ୱ ଯକ୍ଷ୍ମା ଦିବସ କାର୍ଯ୍ୟକ୍ରମକୁ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଆର୍. ଜଗଦୀଶ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଜିଲାରେ ଯକ୍ଷ୍ମା ନିୟନ୍ତ୍ରଣ କ୍ଷେତ୍ରରେ ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମାଶଙ୍କର ମିଶ୍ର ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏଣୁ ଏହି ଅବସରରେ ଡା.ମିଶ୍ରଙ୍କୁ ଶୁକ୍ରବାର ଭୁବନେଶ୍ୱରରେ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ଗଞ୍ଜାମ) ଲିନା ଖେସ ଯୋଗଦେଇ କହିଥିଲେ, ଯକ୍ଷ୍ମା ଚିହ୍ନଟ ନିମନ୍ତେ ସମସ୍ତ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ପ୍ରକଳ୍ପ ପରିଚାଳକ ଓ ପ୍ରକଳ୍ପ ସଂଯୋଜକଙ୍କୁ ନିଷ୍ଠାର ସହିତ କାର୍ଯ୍ୟନିର୍ବାହ କରି ରୋଗୀମାନଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସରକାରୀ ସୁବିଧା ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।

ଚଳିତବର୍ଷ ଏହି ଦିବସ ପାଳନର ବିଷୟବସ୍ତୁ ହେଉଛି, ହଁ ଆମେ ଯକ୍ଷ୍ମାର ଅନ୍ତ ନିଶ୍ଚୟ କରିବା। ଏହି ମାରାତ୍ମକ ରୋଗ ଲୋପ ପାଇଁ ଟିକା(ଭ୍ୟାକ୍ସିନ)ର କ୍ଲିନିକାଲ ପର୍ଯ୍ୟବେକ୍ଷଣ ଓ ଗବେଷଣା ଚାଲିଛି। ୨୦୨୫ ସୁଦ୍ଧା ରାଜଯକ୍ଷ୍ମା ମୁକ୍ତ ଜିଲା ଗଠନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ (ଟିବି) ଡା. ଅବନୀ ପାତ୍ର ମାର୍ଚ୍ଚ ୨୫ରୁ ୩୧ ପର୍ଯ୍ୟନ୍ତ ଜିଲାର ସମସ୍ତ ବ୍ଲକ ଅଧୀନରେ ଥିବା ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଟିବି ବିରୋଧରେ ସଚେତନତା ସୃଷ୍ଟି କରି ଟିବି ସୁପରଭାଇଜର ଏବଂ ଜିଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟକର୍ମୀମାନେ ଏହି ମିଶନକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ସନ୍ତୋଷ କୁମାର ପାଢୀ, ଏମ୍‌ଓଡିଟିସି ଡା. ଗୀତମୟ ପଟ୍ଟନାୟକ, ଅତିରିକ୍ତ ଜିଲା ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ମନୋଜ କୁମାର ପଣ୍ଡା, ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର ନିୟନ୍ତ୍ରଣ) ଡା. ଭି. ସରୋଜିନୀ ଦେବୀ ଓ ଜିଲା ଯକ୍ଷ୍ମା କାର୍ଯ୍ୟକ୍ରମ ସଂଯୋଜକ ବିଦେଶୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଆନ୍ତଃ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୨୪।୩

ସ୍ଥାନୀୟ କୁଇନ ମିଶନ ହାଇସ୍କୁଲଠାରେ ଶୁକ୍ରବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଦୁଇଦିନିଆ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ଓ ରଙ୍ଗେଇଲୁଣ୍ଡା ବିଇଓ ଶାନ୍ତିଲତା ମୁନି ଉପସ୍ଥିତ ଥିଲେ। କୁଇନ ମିଶନ ହାଇସ୍କୁଲ ପ୍ରଧାନ ଶିକ୍ଷକ ହରେକୃଷ୍ଣ ପଣ୍ଡା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତରେ ଗଞ୍ଜାମ ସମେତ ୧୮ ଜିଲାର ୪୯୬ ପ୍ରତିଯୋଗୀ ଓ ୬୪ ଅଧିକାରୀ ଯୋଗ ଦେଇଥିଲେ। ଜିଲାର ସର୍ବାଧିକ ୧୦୦ ପ୍ରତିଯୋଗୀ ଓ ୧୨ କ୍ରୀଡ଼ା ଶିକ୍ଷକ ଉପସ୍ଥିତ ଥିଲେ। ପ୍ରଥମ ଦିନରେ କୁଇନ୍ ମିଶନ ହାଇସ୍କୁଲଠାରେ ବକ୍ସିଂ, ବ୍ରହ୍ମପୁର ଷ୍ଟାଡ଼ିୟମଠାରେ ଭାରୋତ୍ତୋଳନ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ବାସ୍କେଟବଲ ଓ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



କୁଇନ ମିଶନ ହାଇସ୍କୁଲଠାରେ ଚାଲିଥିବା ରାଜ୍ୟସ୍ତରୀୟ ଆନ୍ତଃ ସ୍କୁଲ ବକ୍ସିଂ ପ୍ରତିଯୋଗିତା ।

# ୨୦୨୪ ନିର୍ବାଚନ ପାଇଁ ଶାସକ-ବିରୋଧୀଙ୍କ ରଣନୀତି

ବ୍ରହ୍ମପୁର ଅଫିସ,୨୪।୩

- ୨୦୨୨ ମଧ୍ୟରେ ହୋଇଛି ୪ ନିର୍ବାଚନ
- ସବୁ ନିର୍ବାଚନରେ ଭାଜପାକୁ ମାତ୍ ଦେଇ ବିଜେଡିର ସଫଳତା
- କଂଗ୍ରେସର ଦାରୁଣ ବିପର୍ଯ୍ୟୟ

ଆଗାମୀ ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଗଞ୍ଜାମ ଜିଲାରେ ଶାସକ ଓ ବିରୋଧୀ ଦଳ ପକ୍ଷରୁ ଏବେଠୁ ରଣନୀତି ଓ ରୋଡମ୍ୟାପ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଭୋଟ ରାଜନୀତି ପାଇଁ ବିଜେଡି ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଦଳର ସଂଗଠନକୁ ଅଧିକ ବିସ୍ତାର କରାଯାଉଛି। ମାର୍ଚ୍ଚ ୫ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀଠାରୁ ୨୫ ତାରିଖ ପର୍ଯ୍ୟନ୍ତ ସବୁ ନିର୍ବାଚନ ମଣ୍ଡଳୀରେ ସାଙ୍ଗଠନିକ କାର୍ଯ୍ୟକ୍ରମ କରାଯାଉଛି। ଆସନ୍ତା ୨୬ରେ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେ ମୁଖ୍ୟତଃ ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରେ ବିଭିନ୍ନ ବିକାଶମୂଳକ ଯୋଜନାର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ଆଉ କେତେକ ଅଞ୍ଚଳକୁ ମଧ ଯିବେ। ତେଣୁ ନେତା ଓ କର୍ମୀ ମହଲରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନର ୪ ବର୍ଷରେ ପଞ୍ଚାୟତ, ଜିଲା ପରିଷଦ, ପୌର ଓ ସମବାୟ ନିର୍ବାଚନ ହୋଇଯାଇଛି। ସବୁ ନିର୍ବାଚନରେ ମୁଖ୍ୟ ବିରୋଧୀ ଭାଜପାକୁ ଚକ୍‌ମା ଦେଖାଇ ବିଜେଡିର ଅଭୂତପୂର୍ବ ସଫଳତା ଘଟିଛି। ୬୯ ଜିଲା ପରିଷଦ ଜୋନରୁ ୬୭ଟିରେ ବିଜେଡି ଜିତିଛି। ବେଲଗୁଣ୍ଠା ଓ ପାତ୍ରପୁର ବ୍ଲକର ଗୋଟିଏ ଲେଖାଏ ଜୋନ୍‌ରେ ଭାଜପା ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ତେବେ କଂଗ୍ରସ ମୂଳପୋଛ ହୋଇଛି। ଜିଲାର ୨୨ ବ୍ଲକରୁ ପ୍ରାୟ ୨୦ ଶାସକ ଦଳ ଦଖଲ କରିଛି। ପୌର ନିର୍ବାଚନରେ ମଧ ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳି ମ୍ୟୁନିସିପାଲିଟିରେ ବିଜେଡିର ଜିତାପଟ ହୋଇଛି। ୧୬ ଏନ୍‌ଏସିରେ ଫଳାଫଳ ସମାନ ହୋଇଥିବାରୁ ଏହି ଜିଲାରେ ବିଜେଡି ସ୍ଥିତି ସୁଦୃଢ଼ ଥିବା ପ୍ରମାଣିତ ହୋଇଛି। ସମବାୟ ନିର୍ବାଚନ ଫଳାଫଳ ଶାସକ ଦଳ ସପକ୍ଷରେ ଯାଇଛି।

ଅପରପକ୍ଷରେ ୨୦୧୯ ସାଧାରଣ ନିର୍ବାଚନରେ ଜିଲାର ୧୩ ବିଧାନସଭା ଓ ୨ ଲୋକସଭା କ୍ଷେତ୍ର ମଧ୍ୟରୁ ସାନଖେମୁଣ୍ଡି ଆସନରେ କଂଗ୍ରେସ ଜିତିଛି। ଅବଶିଷ୍ଟ ବିଧାନସଭା ଏବଂ ଦୁଇଟି ଯାକ ସଂସଦୀୟ କ୍ଷେତ୍ରରେ ବିଜେଡି ପ୍ରାର୍ଥୀଙ୍କ ଜିତାପଟ ହୋଇଛି। ତେବେ ଭାଜପା ଖାତା ଖୋଲିନଥିଲେ ମଧ ବିଗତ ନିର୍ବାଚନଗୁଡ଼ିକ ଅପେକ୍ଷା ପଦ୍ମ ଦଳର ଭୋଟ ହାର ଯଥେଷ୍ଟ ବୃଦ୍ଧି ପାଇଛି। କଂଗ୍ରେସର ଦୁର୍ବଳ ସ୍ଥିତି ଦେଖି ବିଜେଡି ବିରୋଧୀ ଭୋଟ ଭାଜପାକୁ ଯାଇଥିବା ରାଜନୈତିକ ସଚେତନ ମହଲରୁ ମତ ପ୍ରକାଶ ପାଇଛି। ବିଧାନସଭା ଓ ଲୋକ ସଭା ନିର୍ବାଚନରେ ଭୋଟ ବଢ଼ିଥିବାରୁ ଆଗାମୀ ସାଧାରଣ ନିର୍ବାଚନରେ ସ୍ଥିତି ସୁଦୃଢ଼ ଲାଗି ଭାଜପା ରଣନୀତି ପ୍ରସ୍ତୁତ କରୁଛି। ଗତ ଜାନୁୟାରୀ ଓ ଫେବୃୟାରୀ ମଧ୍ୟରେ ରେଳ ରାଷ୍ଟ୍ରମନ୍ତ୍ରୀ ଏବଂ ଦଳର ରାଜ୍ୟ ପ୍ରଭାରୀଙ୍କ ସମେତ ଅନେକ ଜାତୀୟ ମହିଳା ମୋର୍ଚ୍ଚା ନେତ୍ରୀ ଗଞ୍ଜାମ ଗସ୍ତରେ ଆସି ବିଭିନ୍ନ ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି। ମୁଖ୍ୟତଃ ମହିଳା ଭୋଟରଙ୍କ ଉପରେ ଭାଜପା ଫୋକସ୍ କରୁଛି। ରାଜ୍ୟ ସରକାର ଓ ବିଜେଡି ମିଶନ ଶକ୍ତିର ଏସ୍‌ଏଚଜିକୁ କାଉଣ୍ଟର କରିବା ଲକ୍ଷ୍ୟ ରଖିଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଓ ମହିଳା ସଶକ୍ତୀକରଣ ଯୋଜନାର ବ୍ୟାପକ ପ୍ରଚାର କରାଯାଉଛି। ତେବେ ଭାଜପା କେତେ ସଫଳ ହେବ ଆଗାମୀ ନିର୍ବାଚନରେ ଜଣାପଡ଼ିବ।

